# NATIONAL NEWS BULLETIN (ODIA)

**3 June- 2025**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ବନ୍ୟା ସ୍ଥିତି ସମ୍ପର୍କରେ ଆସାମ ମୁଖ୍ୟମନ୍ତ୍ରୀଙ୍କ ସହ ଆଲୋଚନା କଲେ ପ୍ରଧାନମନ୍ତ୍ରୀ ।

- ରାଜ୍ୟର ୨୧ଟି ଜିଲ୍ଲାର ୫ଲକ୍ଷ ଲୋକ ପ୍ରଭାବିତ, ୧୧ ମୃତ ।

- ଭାରତର ଅପରେସନ ସିନ୍ଦୂର ପରବର୍ତ୍ତୀ ପଦକ୍ଷେପ ସମ୍ପର୍କରେ ବହୁଦଳୀୟ ପ୍ରତିନିଧି ଦଳଙ୍କ ବିଦେଶରେ ଆଲୋଚନା ଜାରି ।
- ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଘରୋଇ ବିମାନ ଚଳାଚଳ ବଜାର ପାଲଟିଛି, କହିଲେ ପ୍ରଧାନମନ୍ତ୍ରୀ ।
- ପାକିସ୍ତାନୀ ଗୁଇନ୍ଦା ସଂସ୍ଥାକୁ ଗୋପନୀୟ ତଥ୍ୟ ପ୍ରଘଟ ଅଭିଯୋଗରେ ଜଣେ ଗୁପ୍ତଚରକୁ ଗିରଫ କଲା ପଞ୍ଜାବ ପୋଲିସ ।

ଏବଂ

- ଆଇପିଏଲ୍ ଟାଇଟଲ ହାସଲ ପାଇଁ ଆଜି ସନ୍ଧ୍ୟାରେ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ହେବ ମୁକାବିଲା ।

## ଆସାମ ଫ୍ଲଡ

ଆସାମ ବନ୍ୟାରେ ୨୧ଟି ଜିଲ୍ଲାର ୫ଲକ୍ଷରୁ ଅଧିକ ଲୋକ ପ୍ରଭାବିତ ହୋଇଛନ୍ତି । ପ୍ରାୟ ୧ହଜାର ୨୫୦ରୁ ଅଧିକ ଗାଁ ବନ୍ୟାଦ୍ୱାରା ପ୍ରଭାବିତ ହୋଇଥିବାବେଳେ ୧୨ହଜାର ୬୦୦ ହେକ୍ଟର ଚାଷଜମି ନଷ୍ଟ

ହୋଇଛି । ଆସାମ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ ବନ୍ୟା ଏବଂ ଭୂସ୍ଖଳନ ଯୋଗୁଁ ୧୧ଜଣଙ୍କ ମୃତ୍ୟୁ ହୋଇଛି ।

ଇତିମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ' ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମାଙ୍କ ସହ କଥାହୋଇ ବନ୍ୟା ପରିସ୍ଥିତିର ଆକଳନ କରିଛନ୍ତି । କେନ୍ଦ୍ର ସରକାର ରିଲିଫ ଏବଂ ପୁନଃ ଥଇଥାନ କାର୍ଯ୍ୟରେ ସମ୍ପୂର୍ଣ୍ଣ ସହଯୋଗ କରିବେ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ମୁଖ୍ୟମନ୍ତ୍ରୀ ବନ୍ୟା ଏବଂ ବନ୍ୟା ପରବର୍ତ୍ତୀ ରିଲିଫ ଓ ଉଦ୍ଧାରକାର୍ଯ୍ୟ ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରିଥିବା ଜଣାପଡିଛି । ଆଜି ସକାଳେ ମୁଖ୍ୟମନ୍ତ୍ରୀ ବନ୍ୟାରେ ସର୍ବାଧିକ ପ୍ରଭାବିତ ବାରାକ୍ ଉପତ୍ୟକା ଅଞ୍ଚଳ ଏବଂ କଚାର ଜିଲ୍ଲା ପରିଦର୍ଶନ କରିଥିବା ଜଣାପଡିଛି ।

## ଅଲ୍ ପାର୍ଟି ଡେଲିଗେସନ

ଭାରତର ଅପରେସନ ସିନ୍ଦୂର ପରବର୍ତ୍ତୀ ପଦକ୍ଷେପ ଏବଂ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତି ସମ୍ପର୍କରେ ପ୍ରଚାର ଲାଗି ବହୁଦଳୀୟ ସଂସଦୀୟ ପ୍ରତିନିଧି ଦଳ ବିଭିନ୍ନ ଦେଶ ଗସ୍ତ କରିଛନ୍ତି । ପ୍ରତିନିଧି ଦଳଗୁଡ଼ିକ ବିଭିନ୍ନ ଦେଶର ପ୍ରତିପକ୍ଷ ନେତୃବୃନ୍ଦ ଏବଂ ପ୍ରବାସୀ ଭାରତୀୟମାନଙ୍କ ସହ ଭାରତର ପଦକ୍ଷେପ ସମ୍ପର୍କରେ ବିସ୍ତୃତଭାବେ ଆଲୋଚନା କରୁଥିବା ଜଣାପଡିଛି । ବିଜେପି ସାଂସଦ ବୈଜୟନ୍ତ ପଣ୍ଡାଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଆଜି ସକାଳେ ଆଲ୍ଜେରିଆ,

ସାଉଦୀ ଆରବ, କ୍ୱେତ୍ ଏବଂ ବାହାରିନ୍ ଗସ୍ତ କରି ସ୍ୱଦେଶ ପ୍ରତ୍ୟାବର୍ତ୍ତନ କରିଛନ୍ତି । ଆଜି ମଧ୍ୟ ଆଉ ୨ଟି ପ୍ରତିନିଧି ଦଳ ଫେରିବେ ବୋଲି ଜଣାପଡିଛି । ନୂଆଦିଲ୍ଲୀରେ ଗଣମାଧ୍ୟମ ସହ କଥାବାର୍ତ୍ତା ବେଳେ ସାଂସଦ ବୈଜୟନ୍ତ ପଣ୍ଡା କହିଛନ୍ତି ବିଭିନ୍ନ ଦେଶ ଗସ୍ତକରି ଆତଙ୍କବାଦ ବିରୋଧୀ ବାର୍ତ୍ତା ପ୍ରଚାର କରିବା ସଫଳ ହୋଇଛି । ସେ କହିଛନ୍ତି ଭାରତ ତା'ର ପକ୍ଷ ଉପସ୍ଥାପନ କ୍ଷେତ୍ରରେ ସଫଳ ହୋଇଛି । ଭାରତର ଅହିଂସା ଏବଂ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ନୀତିକୁ ବିଶ୍ୱ କେବଳ ପ୍ରଶଂସା କରିନାହିଁ ବରଂ ଆତଙ୍କବାଦର ମୂଳୋତ୍ପାଟନ ଲାଗି ସାରା ବିଶ୍ୱ ଏକ ହେବା ଉପରେ ଗୁରୁତ୍ୱପ୍ରଦାନ କରାଯାଇଛି ।

**V/O (Baijayanta Panda)**

ଡିଏମ୍‌କେ ସାଂସଦ କାନି ମୋଇ କରୁଣାନିଧିଙ୍କ ନେତୃତ୍ୱାଧୀନ ପ୍ରତିନିଧି ଦଳ ରୁଷ୍, ଲାଟ୍‌ଭିୟା, ସ୍ଲୋଭେନିଆ, ଗ୍ରୀସ୍ ଏବଂ ସ୍ପେନ୍ ଗସ୍ତ ଶେଷ କରି ଆଜି ଭାରତ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ସାଂସଦ ସଞ୍ଜୟ କୁମାରଙ୍କ ନେତୃତ୍ୱାଧୀନ ଦଳ ଆଜି ସଂଧ୍ୟାରେ ଭାରତ ଫେରିଆସିବାର କାର୍ଯ୍ୟକ୍ରମ ରହିଛି । ସେହି ପ୍ରତିନିଧି ଦଳ ମାଲେସିଆର ବୈଦେଶିକ ବ୍ୟାପାର ଏବଂ ଆନ୍ତର୍ଜାତିକ ବାଣିଜ୍ୟ ସମ୍ପର୍କିତ ସ୍ୱତନ୍ତ୍ର ସଂସଦୀୟ କମିଟି ସହ ଆଲୋଚନା କରିଛନ୍ତି । ପ୍ରତିନିଧି ଦଳ ମଧ୍ୟ ସେଠାକାର ବାଚସ୍ପତିଙ୍କ ସହ ଭାରତର ପଦକ୍ଷେପ ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିବା ଜଣାପଡିଛି । ଇତିମଧ୍ୟରେ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ନେତୃତ୍ୱାଧୀନ ବ୍ରାଜିଲ୍‌ର ବରିଷ୍ଠ ନେତୃବୃନ୍ଦଙ୍କ ସହ ଆଲୋଚନା କରିଛନ୍ତି । ସେହି ଦଳ ବିଦେଶ ଗସ୍ତର ଶେଷ ପର୍ଯ୍ୟାୟରେ ଆମେରିକା ଯାତ୍ରା

କରୁଛନ୍ତି । ଗଣମାଧ୍ୟମକୁ ସୂଚନା ଦେଇ ଶ୍ରୀ ଥରୁର କହିଛନ୍ତି ଆମେରିକାରେ ଏହି ପ୍ରତିନିଧି ଦଳ ସରକାରୀ ଅଧିକାରୀ, ନିର୍ବାଚିତ ଜନପ୍ରତିନିଧି, ଗଣମାଧ୍ୟମ ପ୍ରତିନିଧି ଏବଂ ପ୍ରବାସୀ ଭାରତୀୟଙ୍କ ସହ ଆଲୋଚନା କରିବେ ।

ସାଂସଦ ସୁପ୍ରିୟା ସୁଲେଙ୍କ ନେତୃତ୍ୱରେ ଯାଇଥିବା ପ୍ରତିନିଧି ଦଳ ଇଜିପ୍ଟର ବୈଦେଶିକ ବ୍ୟାପାର ପରିଷଦର ଅଧିକାରୀମାନଙ୍କ ସହ ପହଲଗାମ ଆତଙ୍କବାଦୀ ଘଟଣା ପରବର୍ତ୍ତୀ ଭାରତର ପଦକ୍ଷେପ ସମ୍ପର୍କରେ ସୂଚନା ଦେଇଛନ୍ତି । ଏହି ଦଳ କାଇରୋରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିଛନ୍ତି । ଲାଇବେରିୟାରେ ଶିବସେନା ସାଂସଦ ଶ୍ରୀକାନ୍ତ ସିନ୍ଦେଙ୍କ ପ୍ରତିନିଧି ଦଳ ସେଠାକାର ରାଷ୍ଟ୍ରପତି ଜୋସେଫ ନ୍ୟୁମା ବୋଆକାଇ ଏବଂ ବୈଦେଶିକ ବ୍ୟାପାର ମନ୍ତ୍ରୀ ସାରା ନ୍ୟାନ୍ତିଙ୍କ ସହ ସାକ୍ଷାତ୍ ଆଲୋଚନା କରିଛନ୍ତି । ଏହି ଅବସରରେ ସେଠାକାର ପ୍ରତିନିଧି ସଭାର ବାଚସ୍ପତିଙ୍କ ସହ ମଧ୍ୟ ଭାରତର ଆତଙ୍କବାଦ ବିରୋଧୀ ପଦକ୍ଷେପ ସମ୍ପର୍କରେ ଆଲୋଚନା କରାଯାଇଛି ।

## ପିଏମ୍-ଆଇଏଟିଏ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ବିମାନ ପରିବହନ କ୍ଷେତ୍ରରେ ଭାରତ ଏକ ବିଶ୍ୱସ୍ତରୀୟ ଅଗ୍ରଣୀ ରାଷ୍ଟ୍ର ଭାବେ ଉଭା ହେଉଛି । ନୂଆଦିଲ୍ଲୀର ଭାରତ ମଣ୍ଡପମ ଠାରେ ଚାଲିଥିବା ଆନ୍ତର୍ଜାତିକ ବିମାନ

ପରିବହନ ସଂଘ –ଆଇ.ଏ.ଟି.ଏ.ର ୮୧ତମ ବାର୍ଷିକ ସାଧାରଣ ବୈଠକକୁ ସମ୍ବୋଧନ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ଗତ ଦଶନ୍ଧି ମଧ୍ୟରେ ବେସାମରିକ ବିମାନ ପରିବହନ କ୍ଷେତ୍ରରେ ଭାରତ ଯଥେଷ୍ଟ ଉନ୍ନତି କରିଛି । ଭାରତ ବିଶ୍ୱର ତୃତୀୟ ସର୍ବବୃହତ ଘରୋଇ ବିମାନ ଚଳାଚଳ ବଜାର ପାଲଟିଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ଏହି ଅବସରରେ ଉଡ଼ାଣ ଯୋଜନାର ସଫଳତା ଉପରେ ସେ ଆଲୋକପାତ କରିଥିଲେ । ଦେଶରେ ବାର୍ଷିକ ୩ ଦଶମିକ୍ ୫ ନିୟୁତ ଟନ୍ ମାଲ ପରିବହନ ବିମାନ ଦ୍ୱାରା କରାଯାଇଥାଏ ଏବଂ ଏହି ଦଶନ୍ଧି ଶେଷ ସୁଦ୍ଧା ଏହାର ପରିମାଣ ୧୦ ନିୟୁତ ଟନ୍‌କୁ ବୃଦ୍ଧି ପାଇବ ବୋଲି ପ୍ରଧାନମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି । ଭବିଷ୍ୟତ ସମ୍ଭାବନାକୁ ଦୃଷ୍ଟିରେ ରଖି ଏକ ରୂପରେଖ ପ୍ରସ୍ତୁତ ଉପରେ ଭାରତ କାର୍ଯ୍ୟ କରୁଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି । ପ୍ରଯୁକ୍ତିବିଦ୍ୟା ବ୍ୟବହାର ମାଧ୍ୟମରେ ସୁରକ୍ଷିତ ଏବଂ ସୁଗମ ଯାତ୍ରାକୁ ସୁନିଶ୍ଚିତ କରିବାର ପ୍ରୟାସ ଜାରି ରହିଛି । ବିମାନ ଚଳାଚଳ କ୍ଷେତ୍ରରେ ଅଭିବୃଦ୍ଧି ନିଯୁକ୍ତି କ୍ଷେତ୍ରରେ ଅଧିକ ତ୍ୱରାନ୍ୱିତ କରିବ ବୋଲି ସେ କହିଛନ୍ତି ।

**V/O-PM-ON-Global Aviation**

# ପିଏମ୍–ଚେନାବ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆସନ୍ତା ୬ ତାରିଖରେ ଜାମ୍ମୁ ଓ କାଶ୍ମୀରରେ ଚେନାବ ସେତୁର ଉଦ୍‌ଘାଟନ କରିବେ । ଏ ସମ୍ପର୍କରେ ସୂଚନା ଦେଇ କେନ୍ଦ୍ରମନ୍ତ୍ରୀ ଡକ୍ଟର ଜିତେନ୍ଦ୍ର ସିଂହ କହିଛନ୍ତି ଏହା ବିଶ୍ୱର ସର୍ବୋଚ୍ଚ ରେଳ

ପୋଲ ଏବଂ ନୂଆ ଭାରତର ଦୃଢ଼ତାର ପ୍ରତୀକ । ଏହି ସେତୁ ଉଦମପୁର-ଶ୍ରୀନଗର-ବାରାମୁଲା ରେଳ ଲିଙ୍କ୍ ପ୍ରକଳ୍ପ ମଧ୍ୟରେ ରହିଛି ।

## ମାଉଣ୍ଟ ଏଟନା ବିସ୍ଫୋରଣ

ୟୁରୋପର ସବୁଠାରୁ ସକ୍ରିୟ ଆଗ୍ନେୟଗିରି ଇଟାଲୀସ୍ଥିତ ମାଉଣ୍ଟ ଏଟନାରେ ଗତକାଲି ଅଗ୍ନି ଉଦ୍‌ଗିରଣ ହୋଇଛି । ଏହା ସିସିଲିଆ ଆକାଶକୁ ଅଗ୍ନିସ୍ଫୁଲିଙ୍ଗ ଏବଂ ଧୂଆଁରେ ଆଚ୍ଛାଦିତ କରିଦେଇଥିଲା । ଉଦ୍‌ଗିରଣ ଏତେ ଭୟଙ୍କର ଥିଲା ଯେ ସେଠାକୁ ବୁଲି ଆସିଥିବା ପର୍ଯ୍ୟଟକମାନେ ଆତଙ୍କିତ ହୋଇପଡିଥିଲେ । ସିସିନିର ରାଷ୍ଟ୍ରପତି ରେନାଟୋ ସିଫାନି କହିଛନ୍ତି ଯେ ବିସ୍ଫୋରଣରେ ନିର୍ଗତ ଲାଭା ପ୍ରାକୃତିକ ବିବାଦ ଅଞ୍ଚଳ ଦେଇ ଯାଇନାହିଁ ଏବଂ ଏହା ଜନବସତି ଉପରେ କୌଣସି ବିପଦ ସୃଷ୍ଟି କରିନାହିଁ । ଇଟାଲୀର ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଜିଓ ଫିଜିକ୍ସ ଏବଂ ଭଲ୍‌କାନୋଲୋଜି ଯେ ଏହା ଏକ ଉଚ୍ଚ ତୀବ୍ରତାର ଉଦ୍‌ଗିରଣ ଥିବାରୁ ଏଥିପ୍ରତି ସତର୍କ ରହିବା ପାଇଁ ଜନସାଧାରଣଙ୍କୁ ପରାମର୍ଶ ଦିଆଯାଇଛି ।

## ପଞ୍ଜାବ ସ୍ୱାଏ ଆରେଷ୍ଟ

ପାକିସ୍ତାନୀ ଗୁଇନ୍ଦା ସଂସ୍ଥା - ଆଇଏସ୍‌ଆଇ ଏବଂ ପାକିସ୍ତାନସ୍ଥିତ ଖଲିସ୍ତାନୀ ସମର୍ଥକ ଗୋପାଲ ସିଂହ ଚାୱାଲାଙ୍କ ସହ ଦୃଢ଼ ସମ୍ପର୍କ ଥିବା ଜଣେ

ଗୁପ୍ତଚରକୁ ପଞ୍ଜାବ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ଗୁପ୍ତଚର ଗଗନଦୀପ ସିଂହକୁ ଗତକାଲି ରାତିରେ ତରଣତାରଣ ଅଞ୍ଚଳରୁ ପୋଲିସ ଗିରଫ କରିଥିଲା । ପଞ୍ଜାବ ପୋଲିସର ଜଣେ ଅଧିକାରୀଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ଗଗନଦୀପ ସୈନ୍ୟ ଏବଂ ରଣନୀତିକ ସ୍ଥାନ ଗୁଡ଼ିକର ନିୟୋଜନ ବିଷୟରେ ବିପରଣୀ ଅନ୍ତର୍ଭୁକ୍ତ ଥିବା ସମ୍ବେଦନଶୀଳ ଏବଂ ବର୍ଗୀକୃତ ସୂଚନାକୁ ପ୍ରଘଟ କରୁଥିଲା । ପୋଲିସ କହିଛି ଯେ ଗଗନଦୀପ ସିଂହ ଅପରେସନ ସିନ୍ଦୂର ସମେତ ବର୍ଷବର୍ଷ ଧରି ପାକିସ୍ତାନୀ କାର୍ଯ୍ୟକର୍ତ୍ତାଙ୍କୁ ସେନାର ଗତିବିଧି ବିଷୟରେ ଗୁରୁତ୍ୱପୂର୍ଣ୍ଣ ସୂଚନା ଜଣାଉଥିଲା । ତା’ ନିକଟରୁ ଉଦ୍ଧାର ହୋଇଥିବା ଏକ ମୋବାଇଲ ଫୋନ୍‌ରେ ଆଇଏସ୍‌ଆଇର ୨୦ରୁ ଅଧିକ କାର୍ଯ୍ୟକର୍ତ୍ତାଙ୍କ ଗୁଇନ୍ଦା ସୂଚନା ଏବଂ ଯୋଗଯୋଗ ସମ୍ପର୍କରେ ବିବରଣୀ ରହିଥିବା ଯାଞ୍ଚରୁ ଜଣାପଡିଛି ।

## ଆଇପିଏଲ୍

ଆଇପିଏଲ୍ କ୍ରିକେଟ୍ ପ୍ରତିଯୋଗିତାର ଫାଇନାଲ୍ ମ୍ୟାଚ୍ ଆଜି ସନ୍ଧ୍ୟାରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ଠାରେ ଅନୁଷ୍ଠିତ ହେବ । ଟାଇଟଲ ହାସଲ ପାଇଁ ରୟାଲ୍ ଚାଲେଞ୍ଜର୍ସ ବେଙ୍ଗାଲୁରୁ ଏବଂ ପଞ୍ଜାବ କିଙ୍ଗସ୍ ମଧ୍ୟରେ ମୁକାବିଲା ହେବ । ସନ୍ଧ୍ୟା ସାଢ଼େ ୭ଟାରେ ଏହି ମ୍ୟାଚ୍ ଆରମ୍ଭ ହେବ । ଚଳିତ ଆଇପିଏଲ୍ କ୍ରିକେଟ୍ ଟି-୨୦ ସିରିଜ୍‌ରେ ୧୦ଟି ଦଳ ମଧ୍ୟରୁ ପ୍ରଥମ ୫ଟି ଦଳ ମଧ୍ୟରେ ୧୯ ପଏଣ୍ଟ ହାସଲ କରି ଦୁଇଟି ଦଳ ରହିଥିବାବେଳେ ୧୮, ୧୬ ଓ ୧୫ ପଏଣ୍ଟ ସହ ୩ଟି ଦଳ

ରହିଥିଲେ । ଅଙ୍କ ତାଲିକାରେ ପଞ୍ଜାବ କିଙ୍ଗ୍ସ ଓ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୧୪ଟି ମ୍ୟାଚ୍‌ରୁ  ୯ଟି ଲେଖାଏଁ ଜିତିଥିବାବେଳେ ଗୁଜୁରାଟ ଟାଇଟନ୍ସ ୯ଟି ମ୍ୟାଚ୍ ଜିତିଥିଲେ ମଧ୍ୟ ୫ଟିରେ ପରାସ୍ତ ହୋଇଥିବାରୁ ତୃତୀୟ ସ୍ଥାନରେ ରହିଥିଲା । ସିରିଜ୍ ମଧ୍ୟଭାଗରେ ଭାରତର 'ଅପରେସନ ସିନ୍ଦୂର' ଯୋଗୁଁ ପ୍ରାୟ ୨ ସପ୍ତାହ ଧରି ମ୍ୟାଚ୍ ବନ୍ଦ ରହିବା ପରେ ପୁନର୍ବାର ମ୍ୟାଚ୍ ଆରମ୍ଭ ହୋଇଥିଲା ।

୨୦୦୮ରୁ ୨୦୨୪ ମଧ୍ୟରେ ମୁମ୍ବାଇ ଇଣ୍ଡିଆନ୍ସ ଓ ଚେନ୍ନାଇ ସୁପର କିଙ୍ଗ୍ସ ସର୍ବାଧିକ ୫ଥର ଲେଖାଏଁ ଚାମ୍ପିୟନ ହୋଇଥିବାବେଳେ କୋଲକାତା ନାଇଟ୍ ରାଇଡର୍ସ ୩ଥର ଟାଇଟଲ ହାସଲ କରିଛି । ପୂର୍ବରୁ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ୨୦୦୯, ୨୦୧୧, ୨୦୧୬ ରେ ଫାଇନାଲକୁ  ଯାଇଥିବାବେଳେ ପଞ୍ଜାବ କିଙ୍ଗ୍ସ ୨୦୧୪ରେ ଫାଇନାଲକୁ ଯାଇଥିଲା ।